# ବ୍ୟାଘ୍ରୋକ୍ତି

କବି ରଘୁନାଥ ଦାସ

ଆପାଣାର ଘୃଣା-ପୁଟ ଦେଇ
ତୁମେ ମୋର ଯେଉଁ କୁତ୍ସିତ ଚିତ୍ରପଟ ଆଙ୍କ
ମୁଁ ଆଦୌ ସେହିପରି ନୁହେଁ ।
ମୁଁ ହିଂସ୍ର ନୁହେଁ ।

ମୁଁ ଭଲପାଏ ଏହି ପର୍ବତ
ଆଉ ତାର ପଥର ଚଟାଣ,
ଏଇ ଜଙ୍ଗଲ ଆଉ ତା'ର
ଅସଂଖ୍ୟ ବୁଦା,
ବାଁଶବଣ ଓ ଝରଣା କୁଳୁକୁଳୁ ଧ୍ୱନି,
ଆଲୋକ ଓ ଅନ୍ଧାରର ଛାୟାଚିତ୍ର ।

ସତେ କି ସୁନ୍ଦର ଏ ସୃଷ୍ଟି ।
ନାନା ରଙ୍ଗ ଫୁଲ, ନାନା ଜାତି ଫଳ
ଭଳିକି ଭଳି ପକ୍ଷୀ ଆଉ
କିସମ କିସମ ଜୀବ ଜନ୍ତୁ
ସବୁଜ ଘାସ ଉପରେ ତାର ଭଳି

www.jatayu.org

# ବ୍ୟାଘ୍ରୋକ୍ତି

କବି ରଘୁନାଥ ଦାସ

ଚକ୍ ଚକ୍ ଶିଶିରକଣା ।

ବେଳେ ବେଳେ ଡାଳ ଓ ପତର ଦୋହାଲାଇ ଦେଇ

ପବନ ପଳାଇ ଯାଏ ଦୂରକୁ ଦୂରକୁ ।

ସେ ସବୁ ଉପଭୋଗ କରିବାକୁ

ମୁଁ ଘୁରିବୁଲେ ପର୍ବତର ପାଦଦେଶ

ଆଉ ଚଢ଼େ ତା'ର ତୀଖ ଶିଖରକୁ

ଦେଖିବାକୁ ସୂର୍ଯ୍ୟୋଦୟର ରକ୍ତିମ ବିକ୍ରମ,

ଗୋଧୂଳିର ଧୂସର ଅବସନ୍ନତା ।

ବିସ୍ତୀର୍ଣ୍ଣ ଉଦାର ପ୍ରକୃତି,

ତା'ର ପ୍ରତିଟି ମୁହୂର୍ତ୍ତରେ

ଅଛି କେତେ ରୋମାଞ୍ଚକର ଅନୁଭୂତି ।

କ୍ଷୁଧାରେ ଯେବେ ଆତୁର ହୁଏଁ

ମୁଁ ଗର୍ଜନ ଛାଡେ-

ଇତସ୍ତତଃ ଜନ୍ତୁଙ୍କ ମଧ୍ୟରୁ

ଗୋଟିକୁ ମୋର ଖାଦ୍ୟଲାଗି ବାଛିନିଏ;

www.jatayu.org
Powered by Tekons

# ବ୍ୟାଘ୍ରୋକ୍ତି

କବି ରଘୁନାଥ ଦାସ

ତ'ର ରକ୍ତ ଓ ମାଂସ ହାଡରେ

କ୍ଷୁଧା ନିବାରଣ କରି
ମୁଁ ବିଚରଣ କରେ
ପ୍ରକୃତିର ବିଚିତ୍ର ଚିତ୍ରଶାଳାରେ ।

ତୁମର ବିକୃତ ସଭ୍ୟତାଠାରୁ
ମୁଁ ଦୂରରେ ରହିବାକୁ ଚାହେଁ ।
ମୁଁ ବୁଝିପାରେ ନାହିଁ
କାହିଁକି ତୁମେ ଏ ସୁନ୍ଦର ବନ ଭୂଇଁକୁ ଧ୍ବଂସ କର
ନିପାତ କର ସତେଜ ବୃକ୍ଷଲତାମାନଙ୍କୁ
ଆଉ ଶିକାର କର
ଅସହାୟ ଠେକୁଆଗୁଡାଙ୍କୁ
ନୃତ୍ୟରତ ମୟୂରପଲଙ୍କୁ ।
ଘୃଣାର ବିଷାକ୍ତ ତୀରରେ
ଜର୍ଜରିତ ତୁମର ସଭ୍ୟତା
ରକ୍ତାକ୍ତ କରିଛି ତୁମରତ ପ୍ରାସାଦ

www.jataayu.org

# ବ୍ୟାଘ୍ରୋକ୍ତି

କବି ରଘୁନାଥ ଦାସ

ଓ ପ୍ରାନ୍ତର

କୁତ୍ସିତ କରିଛି ସହର ଓ ବସ୍ତି

ସବୁଠାରେ ଖାଲି ଅଶାନ୍ତି ଓ ଅସ୍ବସ୍ତି

ହାହାକାର ଚିତ୍କାର ।

ତୁମେ ବୀଭତ୍ସ କରିଛ

ସ୍ରଷ୍ଟାର ସୁନ୍ଦର ସଂସାର ।

ତୁମେ ଘୃଣା କର ସବୁ କିଛି;

ସୃଷ୍ଟି ପ୍ରକୃତିର, ପ୍ରତିବେଶୀ, ସ୍ତ୍ରୀ, ପରିବାର ଆପଣାକୁ ।

ତୁମର ବିଭୀଷିକାକୁ

ମୁଁ ବରଦାସ୍ତ କରିପାରେ ନାହିଁ ।

ତେଣୁ ମୁଁ ତୁମ ଉପରକୁ ଲମ୍ଫ ଦିଏ

ଚାହେଁ ତୁମକୁ ଘାଉଲା କରିବାକୁ,

ଖତମ କରିବାକୁ

ତୁମର ଅଶ୍ଳୀଳ ସଭ୍ୟତାକୁ ॥

www.jataayu.org